## ସଂକ୍ଷେପରେ

### ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ଆସିକା,୨୯।୮(ଡି.ଏନ୍.ଏ.)-ଆସିକା ଥାନା ଅନ୍ତର୍ଗତ ବଡ଼ଖୋଲି ଗ୍ରାମର ରଞ୍ଜିତ ଶିଅ ଶୁକ୍ରବାର ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ରଞ୍ଜିତ ସାଇକେଲରେ ଆସୁଥିବା ବେଳେ ବାଇକ୍ ଧକ୍କା ଦେବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା । ଅଧିକ ଚିକିତ୍ସା ଅବଶ୍ୟକ ହେବାରୁ ପରିବାର ଲୋକେ ରଞ୍ଜିତଙ୍କୁ ବିଜୟନଗରମସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ରଞ୍ଜିତଙ୍କ ପୁଅ ମଳୟ ଶିଅଙ୍କ ଅଭିଯୋଗ ପ୍ରକାରେ ଆସିକା ଥାନାରେ ନଂ. ୫୪୧/୨୨ରେ ଏକ ମାମଲା ରୁଜୁ ହୋଇଛି ।

### ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ତାଲିମ

ଆସିକା,୨୯।୮(ଡି.ଏନ୍.ଏ.): ଆସିକା ଏନ୍ଏସି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଅର୍ନ୍ତନିବେଶୀ ଶିକ୍ଷା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡଖୋଲି, ଭେଟନଈ, ଖାରିଆ, ବାବନପୁର, ଏନଏସି, ହରିଡାପଦର, କାଳଷଣ୍ଡପୁର, ନଳବନ୍ଧା ଓ କେ. ନୂଆଁପଲ୍ଲୀ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଜଣେ ଲେଖାଏ ଶିକ୍ଷକ ପ୍ରତିନିଧିତ୍ୱ କରିଥିଲେ । ସେମାନଙ୍କୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଚିହ୍ନଟ, ସରକାରୀ ଓ ବେସରକାରୀ ସ୍ତରରେ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ରହିଥିବା ସୁବିଧା ସୁଯୋଗ, ସୁନେତ୍ର କାର୍ଯ୍ୟକ୍ରମ, ପରୀକ୍ଷାରେ ରହିଥିବା ରିହାତି, ବିଭିନ୍ନ ସହାୟକ ଉପକରଣର ଚିହ୍ନଟି କରଣ ସହ ତାର ବ୍ୟବହାର ଓ ରକ୍ଷଣାବେକ୍ଷଣ ଆଦି ସମ୍ପର୍କରେ ଅବଗତ କରାଯାଇଥିଲା। ସମ୍ବଳ ଶିକ୍ଷକ ପ୍ରଶିକ୍ଷକ ଭାବେ ହାଡୁବନ୍ଧୁ ମହାରଣା, ଶିବଶଙ୍କର ସ୍ୱାଇଁ, ଅମ୍ବିକା ପାଣିଗ୍ରାହୀ, ଜୟଦେବ ଚର୍ଚ୍ଚି, ମନ୍ଦାକିନୀ ରଥ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ ।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ପାରଳାଖେମୁଣ୍ଡି,୨୯।୮(ଡି.ଏନ୍.ଏ.): ପାରଳାଖେମୁଣ୍ଡି ସହରର ଭଣ୍ଡାରି ସାହିସ୍ଥ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଗଜପତି ଜିଲା ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ମାସିକ ବୈଠକ ସଂଘର ସଭାପତି ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଓଡିଶା ପ୍ରଶାସନିକ ସେବା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ସମ୍ପାଦକ ଦଗଦୀଶ ମହାପାତ୍ର ଗତ ମାସର ବିବରଣୀ ପଢି ଶୁଣାଇଥିଲେ। ସହରର ମୁଖ୍ୟରାସ୍ତା ଖାଲଖମା ହେବା, ମୁଖ୍ୟରାସ୍ତାକୁ ସଂଯୋଗୀକରଣ କରୁଥିବା ରାସ୍ତାଗୁଡିକ ଖାଲ, ଢିପ ହୋଇପଡିଥିବା ଯୋଗୁ ବରିଷ୍ଠ ନାଗରିକମାନେ ଯାତାୟାତରେ ନାନାଦି ଅସୁବିଧାର ସମ୍ମୁଖୀନ ହେବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଯଦି ଏଥିପ୍ରତି ପୂର୍ତ୍ତ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ କାର୍ଯ୍ୟାଳୟ ଆଗରେ ସଂଘ ଧାରଣା ଦେବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ବରିଷ୍ଠ ନାଗରିକ ମାନଙ୍କୁ ଟ୍ରେନ୍ ଟିକଟରେ ରିହାତି ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିବା ନେଇ ମଧ ପ୍ରସ୍ତାବ ଗୃହୀତ ହୋଇଛି । ଉକ୍ତ ବୈଠକରେ ସୁରେଶ ଦାସ, ଅଶ୍ୱିନୀ ପାଢ଼ି, ସୂର୍ଯ୍ୟକାନ୍ତ ପଟ୍ଟନାୟକ, ଭେଙ୍କଟ ରାଓ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଧାନ ବିକିବା ଲାଗି ୧.୩୨ ଲକ୍ଷ ଚାଷୀ ପଞ୍ଜୀକୃତ

**ଗଞ୍ଜାମ ଜିଲା**

ଛତ୍ରପୁର,୨୯।୮(ଡି.ଏନ୍.ଏ.)

ଖରିଫ ଧାନ ବିକିବା ପାଇଁ ଆଗୁଆ ଅନଲାଇନ୍‌ରେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ସରିଛି। ଚଳିତବର୍ଷ ଧାନ ବିକିବା ପାଇଁ ଗଞ୍ଜାମ ଜିଲାର ୧ଲକ୍ଷ ୩୨ ହଜାର ୬୪୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଅନଲାଇନ୍ ପଞ୍ଜୀକରଣ ଆବେଦନ ଜୁଲାଇ ୧୫ରୁ ଆରମ୍ଭ ହୋଇ ଗତ ୨୨ତାରିଖରେ ସରିଥିଲା । ଡିଜିଟାଇଜେସନ ଅବଧି ୨୮ ତାରିଖରେ ସରିଛି । ମିଳିଥିବା ସୂଚନା ଅନୁସାରେ ଜିଲାର ୪୬୪ ପ୍ୟାକ୍ସ (ପ୍ରାଥମିକ ସେବା ସମବାୟ ସମିତି) ମଧ୍ୟରୁ ୩୭୦ ପ୍ୟାକ୍ସ ପକ୍ଷରୁ ୧ ଲକ୍ଷ ୧୨ ହଜାର ୮୭୫ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୯୩ଟି ମହିଳା ସଂଘ ପକ୍ଷରୁ ୧୯ ହଜାର ୬୬୫ ଜଣ ଚାଷୀ, ଗୋଟିଏ ପାଣି ପଞ୍ଚାୟତ ପକ୍ଷରୁ ୧୦୭ ଜଣ ଚାଷୀ ଧାନ ବିକିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଜିଲାର ୧ଲକ୍ଷ ୨୪ ହଜାର ୩୦୦ ଚାଷୀ ଧାନ ବିକିବା ପାଇଁ ପଞ୍ଜୀକୃତ ହୋଇଥିଲେ । ତେବେ ସେମାନଙ୍କ ମଧ୍ୟରୁ କେବଳ ୯୬ ହଜାର ଚାଷୀଙ୍କଠାରୁ ସରକାର ଧାନ କିଣିପାରିଥିଲେ । ଗତବର୍ଷ ତୁଳନାରେ ଚଳିତଥର ଅଧିକ ଚାଷୀ ସେମାନଙ୍କ ଧାନ ବିକିବା ପାଇଁ ପଞ୍ଜୀକରଣ କରିଛନ୍ତି। ତେବେ ଗତଥର ୨୮ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ଧାନ କିଣାଯାଇ ପାରି ନ ଥିବାରୁ ଚଳିତବର୍ଷ ସମସ୍ତ ଚାଷୀଙ୍କ ଧାନ କିଭଳି କିଣାଯିବ ସେନେଇ ଆଶଙ୍କା ଦେଖାଦେଇଛି । ଅପରପକ୍ଷରେ ଜିଲାରେ ୪୬୪ ଟି ପ୍ୟାକ୍ସ ଥିବାବେଳେ ସେଥିରୁ ୯୪ ଟି ପ୍ୟାକ୍ସ ଧାନ କିଣା ଦାୟିତ୍ୱରୁ ନିଜକୁ ଦୂରେଇ ରଖିଛନ୍ତି। ଫଳରେ ମହିଳା ସଂଘ ଓ ପାଣି ପଞ୍ଚାୟତ ଉପରେ ଏହି ଦାୟିତ୍ୱ ଦିଆଯାଇଛି ।

# ଆହତ କୃଷ୍ଣସାର ମୃଗ ଉଦ୍ଧାର



ଆହତ କୃଷ୍ଣସାର ମୃଗ ।

ବୁଗୁଡ଼ା,୨୯।୮(ଡି.ଏନ.ଏ.)

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ପୋଚାଲୁଣ୍ଡି ବିଲମାଳରୁ ଏକ ଆହତ କୃଷ୍ଣସାର ମୃଗକୁ ସୋମବାର ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ଉଦ୍ଧାର କରାଯାଇଛି । ସକାଳ ୯ଟାରେ ପୋଚାଲୁଣ୍ଡି ଗ୍ରାମର ତଇଲା ବିଲମାଳ ମୁହାଣରେ ଥିବା ଏକ ଖାଲରେ ଅଚାନକ ଭାବେ କୃଷ୍ଣସାର ମୃଗଟିଏ ପଡି ଆହତ ଅବସ୍ଥାରେ ଛଟପଟ ହେଉଥିବା ବେଳେ କିଛି ଚାଷୀ ଦେଖିଥିଲେ। ସେମାନେ ବହୁତ ଚେଷ୍ଟା କରିଥିଲେ ସୁଦ୍ଧା କୃଷ୍ଣସାର ମୃଗଟିକୁ ସେଠାରୁ ଉଦ୍ଧାର କରିପାରି ନ ଥିଲେ । ଏ ନେଇ ପୋଚାଲୁଣ୍ଡି ଗ୍ରାମର ସ୍ୱେଚ୍ଛାସେବୀ ଭଗବାନ ପ୍ରଧାନ ଦମକଳବାହିନୀକୁ ଯୋଗାଯୋଗ କରିବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚି ମୃଗଟିକୁ ଉଦ୍ଧାର କରିଥିଲେ। ମୃଗଟିର ପଛପଟ ଦୁଇ ଗୋଡରେ ଆଘାତ ଲାଗିଥିବାରୁ ସେ ଠିକ୍ ଭାବରେ ଛିଡା ହୋଇ ପାରୁନଥିଲା। ଖବର ପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚିବା ପରେ ସେମାନଙ୍କୁ ଆହତ କୃଷ୍ଣସାର ମୃଗଟିକୁ ହସ୍ତାନ୍ତର କରାଯାଇଥିଲା ।

# ସ୍ୱାୟତ୍ତ ଶାସନ ଦିବସ ପାଇଁ ନୃତ୍ୟ ପ୍ରତିଯୋଗିତା



ନୃତ୍ୟ ପ୍ରତିଯୋଗିତା ।

ଗଞ୍ଜାମ,୨୯।୮(ଡି.ଏନ୍.ଏ.)

ଆଗାମୀ ସ୍ୱାୟତ୍ତ ଶାସନ ଦିବସକୁ ଦୃଷ୍ଟିରେ ରଖି ଗଞ୍ଜାମ ସହରାଞ୍ଚଳ ଛାତ୍ରୀଛାତ୍ରମାନଙ୍କୁ କଳାକ୍ଷେତ୍ରରେ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ଗଞ୍ଜାମ ସହରାଞ୍ଚଳରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ଜୁନିୟର ଏବଂ ସିନିୟର ବର୍ଗର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶାତ୍ମବୋଧକ, ଭଜନ ଓ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏନ୍ଏସି କର୍ମଚାରୀ ସତ୍ୟବାଦୀ ବାରିକିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ଏସ୍. ଚନ୍ଦ୍ରଶେଖର, ସଂଯୁକ୍ତା ଦାଶ ଓ ସୁଜାତା ମହାନ୍ତି ପ୍ରମୁଖ କାଉନ୍‌ସିଲର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୋରିଓଗ୍ରାଫର ପଙ୍କଜ କୁମାର ବାରିକି, ଗୀତାଞ୍ଜଳି ସ୍ୱାଇଁ ଓ ସୁଧାକର ସାହୁ ପ୍ରମୁଖ କଳାକାର ଉପସ୍ଥିତ ରହି ବିଚାରକ କାର୍ଯ୍ୟ ସମ୍ପାଦନ କରିଥିଲେ। କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାବତ, ଚିନ୍ମୟ ରଞ୍ଜନ ପୃଷ୍ଟି, ବିରେନ କୁମାର ମହାପାତ୍ର, ଉତ୍ତମ ବେହେରା, ପଦ୍ମଚରଣ ସାହୁ ପ୍ରମୁଖ ଏନ୍ଏସି କର୍ମଚାରୀ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ। ଯୁବ ନୃତ୍ୟ ପ୍ରଶିକ୍ଷକ ସୁଦର୍ଶନ ପାଢ଼ୀ, ପୁଇଁତୋଳା ସାଧନ କେନ୍ଦ୍ର ସଂଯୋଜକ ମହେଶ କୁମାର ବେହେରା, ସଂଯୁକ୍ତା ଦାଶ ପ୍ରମୁଖ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଉତ୍ସବରେ ସମ୍ମାନିତ କରାଯିବ ବୋଲି ଏନ୍ଏସି ତରଫରୁ ସୂଚନା ପ୍ରଦାନ କରାଯାଇଛି।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଆସିକା,୨୯।୮(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ବଡଖୋଲି ଗ୍ରାମରେ ସୋମବାର ସକାଳେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମାୟା ସେଠୀ (୭୫) । ମାୟା ଘରେ ଶୋଇଥିବା ବେଳେ ଭୋରରେ ସାପ କାମୁଡିଥିଲା । ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ଆସିକା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ମାୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମାୟାଙ୍କ ନାତି ଅନିଲ କୁମାର ସେଠୀ ଆସିକା ଥାନାରେ ଜଣାଇଥିଲେ। ନଂ.୨୬/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ବିଶ୍ରାମା ଗୃହ ଉଦ୍‌ଘାଟିତ

ଭଞ୍ଜନଗର,୨୯।୮(ଡି.ଏନ୍.ଏ)

ଭଞ୍ଜନଗର ଏନ୍ଏସି ବାଇପାସ୍ ଛକରେ ଥିବା ଖ୍ରୀଷ୍ଟୀୟ ସମାଜ ସମାଧିପୀଠଠାରେ ଏକ ବିଶ୍ରାମ ଗୃହ ଉଦ୍‌ଘାଟିତ ହୋଇଛି। ଏହାକୁ ଏନ୍ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଲୋକଙ୍କୁ କହିଥିଲେ ଏନ୍ଏସିର ଉନ୍ନତି ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ଏଥିପାଇଁ ସହରବାସୀଙ୍କ ସହଯୋଗ ଲୋଡ଼ା। ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ, ସାମାଜିକ କର୍ମୀ ଶୂଳପାଣି ଶତପଥୀ, ସଙ୍ଗଠକ ପିଲୁଡୁଙ୍କ ସମେତ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ ।

# ସଡ଼କ ଦୁର୍ଘଟଣାରେ ମହିଳା ମୃତ

ହିଞ୍ଜିଳିକାଟୁ,୨୯।୮(ଡି.ଏନ୍.ଏ.)

ହିଞ୍ଜିଳି ଥାନା ଅନ୍ତର୍ଗତ ଶ୍ୟାମଳାଇ ଛକରେ ଏକ ଟାଟା ଏସିଇ ଧକ୍କାରେ ଗୁରୁତର ମହିଳାଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳି ଥାନା ବୁରୁପଡ଼ା ଗ୍ରାମର ଯମୁନା ଦାଶ(୬୦)। ଯମୁନା ରବିବାର ଶ୍ୟାମଳାଇ ଛକରେ ପରିବା କିଣୁଥିଲେ। ଏହି ସମୟରେ ଏକ ଟାଟା ଏସିଇ ଭାରସାମ୍ୟ ହରାଇ ପରିବା ଦୋକାନ ଉପରେ ଚଢ଼ିଯାଇଥିଲା । ଫଳରେ ଯମୁନା ସେଠାରେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସୋମବାର ପରିବାର ଲୋକେ ତାଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ହିଞ୍ଜିଳି ପୋଲିସ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ସ୍ଥାନୀୟ ଥାନାରେ ନଂ.୪୫୪/୨୨ରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି।

# ରାମଗିରି ବଣିକ ସଂଘର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ରାମଗିରି,୨୯।୮(ଡି.ଏନ୍.ଏ.)

ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ରାମେଶ୍ୱର ବଣିକ ସଂଘର ବାର୍ଷିକ ଉତ୍ସବ କୁରେଇଶୁଣି କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ସଂଘ ସଭାପତି ବୃନ୍ଦାବନ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡ଼ମୁଣ୍ଡି, ମୁଖ୍ୟବକ୍ତା ଆର.ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସସ୍ମିତା କାର୍ଯୀ, ସମିତିସଭ୍ୟା ସରୋଜିନୀ ବଡ଼ମୁଣ୍ଡି, ଡ. ଜୟକୃଷ୍ଣ ସେଠୀ, ରାଜସ୍ୱ ନିରୀକ୍ଷକ ଜାଗିଲି ମଲିକ, କୁଞ୍ଜ ବିହାରୀ ପ୍ରଧାନ, ନିରଞ୍ଜନ ଗୌଡ଼, ଆଦିକନ୍ଦ କାର୍ଯୀ, ବିନୋଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାବତ ପ୍ରମୁଖ ଯୋଗଦେଇଥିଲେ। ସେମାନଙ୍କୁ ନାଏବ ସରପଞ୍ଚ ରାଜେନ୍ଦ୍ର ମାଝି ଓ ନୟନ ସାହୁ ସମ୍ମାନିତ କରିଥିଲେ। ସମ୍ପାଦକ ମୃତ୍ୟୁଞ୍ଜୟ ମାର୍ଥା ବାର୍ଷିକ ବିବରଣୀ ପାଠ କରିଥିଲେ। ଦୃଢ଼ମନା ହୋଇ ସଂଘ ମାଧ୍ୟମରେ ସମାଜର ବିକାଶମୂଳକ କାର୍ଯ୍ୟ କଲେ ସଂଘର ଗୌରବ ବଢ଼ିବ ବୋଲି ମୁଖ୍ୟ ଅତିଥି କହିଥିଲେ।

# ପୋଷାକ, ଜୋତା ବଣ୍ଟନ ମେଳା

ବୁଗୁଡ଼ା,୨୯।୮(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବେଠିଆବୋରଦା ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୋଷାକ, ଜୋତା ଓ ମୋଜା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ଜିଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନା, ଉମାକାନ୍ତ ପାତ୍ର, କାର୍ତ୍ତିକ ସାହାଣୀ, ନାଏବ ସରପଞ୍ଚ ପ୍ରମୋଦ କୁମାର ପଣ୍ଡା, ସିଆର୍‌ସିସି ମାନସ ରଞ୍ଜନ ସେଠୀ, ସ୍କୁଲ ପରିଚାଳନା କମିଟି ସଭାପତି ସୁଧିର ଗୌଡ଼ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୋଷାକ, ଜୋତା ଓ ମୋଜା ବିତରଣ କରିଥିଲେ। ଶିକ୍ଷକ ନୀଳାଦ୍ରି ବିହାରୀ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୀତାରାମ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଡମ୍ପିଙ୍ଗ୍ ୟାର୍ଡ ପାଲଟିଛି ଧରାକୋଟ ମୁଖ୍ୟରାସ୍ତା କଡ଼

ଧରାକୋଟ,୨୯।୮(ଡି.ଏନ୍.ଏ.)

ଧରାକୋଟ ଗଡ଼ର ଉଭୟ ପଟ ରାସ୍ତା ପାର୍ଶ୍ୱ ଡମ୍ପିଙ୍ଗ ୟାର୍ଡ ପାଲଟିଛି। ପ୍ରତିଦିନ ଦୋକାନ ବଜାରର ଅବ୍ୟବହୃତ ଅଳିଆ ଆବର୍ଜନାକୁ ରାସ୍ତା କଡ଼ରେ ପକାଇ ଦେଉଥିବାରୁ ଏଠାରେ ପୂତି ଗନ୍ଧାମୟ ପରିବେଶ ସୃଷ୍ଟି ହେଉଛି। ଏହାର ସୁଯୋଗ ନେଇ ସାଧାରଣ ଜନତା ମଧ୍ୟ ଘରର ଅଳିଆ ନେଇ ରାସ୍ତା ପାର୍ଶ୍ୱରେ ଫିଙ୍ଗୁଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାର ସମସ୍ତେ ପରିବେଶ ସ୍ୱଚ୍ଛତା, ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଆରୋପ କରୁଛନ୍ତି। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗାଁ ଗାଁରେ ପ୍ରଚାର କରିବା ସହ ପଞ୍ଚାୟତ, ଅଙ୍ଗନୱାଡି, ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସ୍ୱଚ୍ଛତା ଓ ପରିଚ୍ଛିତା ଉପରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ପ୍ରଚାର ସର୍ବସ୍ୱ ଏହି କାର୍ଯ୍ୟକ୍ରମ ପାଇଁ ସରକାର ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଏଥିରେ ସୁଧାର ଆସିନଥିବା ଦେଖିବାକୁ ମିଳୁଛି।



ରାସ୍ତା କଡ଼ରେ ଅଳିଆ ଆବର୍ଜନା ପଡ଼ିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ଲକ ଅଫିସ ରାସ୍ତା, ପଞ୍ଚାୟତ ସମ୍ମୁଖ, ସ୍ୱାସ୍ଥ୍ୟ କେନ୍ଦ୍ର ତଳଭାଗ, ପୋଲିସ ଥାନା ଯିବା ଧରାକୋଟ ଜାନବିଲି ମୁଖ୍ୟ ରାସ୍ତା କଡ଼ରେ ପ୍ରତ୍ୟହ ଅଳିଆ ଆବର୍ଜନା ଜମା ହେଉଛି। ଏହା ଦ୍ୱାରା ପରିବେଶ ପ୍ରଦୂଷିତ ହୋଇ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ରହିଛି। ଏଣୁ ପ୍ରଶାସନ ତରଫରୁ ଏଥିପ୍ରତି ଦୃଷ୍ଟିଦେଇ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରି ବଜାର ଓ ଗାଁର ଅଳିଆ ଆବର୍ଜନା ସେଠାରେ ଜମା କରିବାକୁ ପଦକ୍ଷେପ ନେଲେ ପରିବେଶ ପ୍ରଦୂଷିତ ହେବାରେ ସନ୍ତୁଳନ ଆସନ୍ତା।

# ମାସେ ଗଲାନି ରାସ୍ତା: ନିମ୍ନମାନର କାମ ଅଭିଯୋଗ

ଆର.ଉଦୟଗିରି,୨୯।୮(ଡି.ଏନ୍.ଏ.)

ମାସେ ବି ଗଲାନି ପିଚୁରାସ୍ତା। ରାସ୍ତାର ଅଧିକାଂଶ ସ୍ଥାନରେ ପିଚୁ ଉଠି ଅବସ୍ଥା ଶୋଚନୀୟ ହୋଇପଡିଛି। ନିମ୍ନମାନର ରାସ୍ତା କାମ କରି ଅଧାପନ୍ତରିଆ ଭାବେ ଠିକାଦାର ଛାଡ଼ି ଚାଲିଯାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ସୁବଳଡାଠାରୁ କୁରକୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାମ ସରିଛି। ୫ କିମି ରାସ୍ତା ନିର୍ମାଣର ଏକ ମାସ ନ ପୂରୁଣୁ ଅବସ୍ଥା ଶୋଚନୀୟ। ସୁବଳଡାଠାରୁ କୁରକୁର ପର୍ଯ୍ୟନ୍ତ ରାସ୍ତା ହେବା ପରିବର୍ତ୍ତେ ଗାଁଠାରୁ ଅଧ କିମି ଦୂରରେ ରାସ୍ତା କାମ ଆରମ୍ଭ କରାଯାଇଛି। ଖାଲଖମା ରାସ୍ତାରେ ଯାତାୟାତ ସମ୍ଭବ ହୋଇପାରୁନି। ଠିକାଦାର କାମ ଅଧାପନ୍ତରିଆ କରି ଚାଲିଯାଇଥିବା ବେଳେ ଢୋଲକଟା ଗ୍ରାମ ନିକଟରେ କେବଳ ମେଟାଲ ବିଛାଇ କାମ ଛାଡ଼ି ଦେଇଥିବା ସରପଞ୍ଚ ଓ ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ତେବେ ପ୍ରଶାସନ ତୁରନ୍ତ ରାସ୍ତା ପୁନଃ ନିର୍ମାଣ ନ କଲେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। ଏହାପରେ ଚନ୍ଦ୍ରଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବିପ୍ର ଚରଣ ବେହେରାଙ୍କୁ ପଚାରିବାରୁ ଲୋକଙ୍କ ଅଭିଯୋଗ ଭିତ୍ତିହୀନ। ଲୋକେ ରାସ୍ତା ତାଡି ଏଭଳି ଅଭିଯୋଗ କରିଛନ୍ତି। ଦରକାର ପଡିଲେ ରାସ୍ତା ତାଡିବା ଲୋକଙ୍କ ନାମରେ ଥାନାରେ କେସ ଦିଆଯିବ ବୋଲି କହିଥିଲେ। ରାସ୍ତା କାମ ସମ୍ପୂର୍ଣ୍ଣ ଠିକ୍ ଥିବାରୁ ବିଲ୍ କରିଥିବା କହିଛନ୍ତି। ଏଭଳି ପରିସ୍ଥିତିରେ ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ମରାମତି କରିବାକୁ ଦାବି ହୋଇଛି। ଏଥିସହ ନିର୍ମାଣ ରାସ୍ତା କାମ ଦୁର୍ନୀତି ବିଭାଗ ଦ୍ୱାରା ତଦନ୍ତ କରାଗଲେ ଏହାର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।




ନିମ୍ନମାନର ରାସ୍ତା କାମ ।

# ସିଦ୍ଧ ବିନାୟକ ପୀଠରେ ଜୋରଦାର ପ୍ରସ୍ତୁତି

ବ୍ରହ୍ମପୁର ଅଫିସ,୨୯।୮–

ଗଣେଶ ଚତୁର୍ଥୀ ବୁଧବାର। ଏହା ପୂର୍ବରୁ ଗଜାନନଙ୍କ ପୂଜା ନିମନ୍ତେ ରେଶମ ସହର ଉତ୍ସବ ମୁଖର ହେଉଥିବା ଦେଖିବାକୁ ମିଳିଛି। ସହରର ସାହି ସାହି ଓ ମୁଖ୍ୟ ଛକଗୁଡ଼ିକ ପୂଜା ମଣ୍ଡପରେ ଜୋରଦାର ପ୍ରସ୍ତୁତି ଚାଲିଛି। କୋଭିଡ୍ କଟକଣା ହଟିବା ପରେ ଚଳିତ ବର୍ଷ ସହରବାସୀ ସାମୁହିକ ଭାବେ ଏକତ୍ରିତ ହୋଇ ଗଜାନନଙ୍କୁ ପୂଜା କରିବେ। ସେହିଭଳି ସହରର ହିଲପାଟଣା ସ୍ଥିତ ସିଦ୍ଧ ବିନାୟକ ପୀଠରେ ମଧ ପୂଜା ପ୍ରସ୍ତୁତି ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ୩ ଦିନ ବ୍ୟାପୀ ଗଣେଶ ଚତୁର୍ଥୀ ଅବସରରେ ମନ୍ଦିର କମିଟି ପକ୍ଷରୁ ହୋମଯଜ୍ଞ ଅନୁଷ୍ଠିତ ହେବ। ପ୍ରଥମ ଦିନ ଗଣେଶ ଚତୁର୍ଥୀ ଅବସରର ରୀତି ନୀତି ଅନୁସାରେ ପୂଜା ପାଠ ହେବ। ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ୩୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଆଗମନକୁ



ସିଦ୍ଧ ବିନାୟକ ମନ୍ଦିର ପରିସରରେ ଭକ୍ତଙ୍କ ନିମନ୍ତେ ବ୍ୟାରିକେଟ ବ୍ୟବସ୍ଥା ।

ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପୂର୍ବ ପ୍ରସ୍ତୁତି ଆକଳନ କରିଛି। ଦିନ ତମାମ ଭକ୍ତଙ୍କ ଦର୍ଶନ ନିମନ୍ତେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ ନିମନ୍ତେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯିବାକୁ ଜିଲା ପୋଲିସକୁ ପ୍ରସ୍ତାବ ଦିଆଯାଇଛି। ପାର୍କିଂ ନିମନ୍ତେ ନିକଟରେ ଥିବା ସାଂସ୍କୃତିକ ଭବନ ସମେତ ଅନ୍ୟ ଦୁଇଟି ସ୍ଥାନ ଚିହ୍ନଟ କରାଯାଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ଟିକେଟ ବ୍ୟବସ୍ଥା କରାଯାଇଛି। ସେହିପରି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦିନ ତମାମ ପୁଳିହରମ୍ ଭୋଗ ବଣ୍ଟନ କରାଯିବ। ମନ୍ଦିର ପରିସରରେ ଥିବା ଯଜ୍ଞ ମଣ୍ଡପରେ ବିଶ୍ୱଶାନ୍ତି ଓ ଜନ କଲ୍ୟାଣ ନିମନ୍ତେ ଯଜ୍ଞ ଓ ସନ୍ଧ୍ୟାରେ ୧୦୦୮ ଆଳତି ଅନୁଷ୍ଠିତ ହେବ। ଗୁରୁବାର ଠାକୁରଙ୍କ ନଗର ଭ୍ରମଣ କାର୍ଯ୍ୟକ୍ରମ ରଖାଯାଇଥିବା ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ସୁରେନ୍ଦ୍ର ଚୌଧୁରୀଙ୍କଠାରୁ ପ୍ରକାଶ।

## ସଂକ୍ଷେପରେ

ଲାଞ୍ଚ ନେଇ ୨ ନର୍ସିଂ ଅଫିସର ନିଲମ୍ବନ ଘଟଣା

## ନର୍ସିଂ ଅଧିକାରୀଙ୍କୁ ପ୍ରତିଦିନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୨୯।୮ - ବ୍ରହ୍ମପୁର ବଡ଼ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ରୋଗୀ ସମ୍ପର୍କୀୟଙ୍କଠାରୁ ଚିକିତ୍ସା ପାଇଁ ଲାଞ୍ଚ ନେଇଥିବା ଦୁଇଜଣ ନର୍ସିଂ ଅଫିସରଙ୍କୁ ନିଲମ୍ବନ କରାଯାଇଥିଲା। ସେମାନେ ଏବେ କୌଣସି ବିଭାଗରେ ଡ୍ୟୁଟି କରିପାରିବେନାହିଁ। ପ୍ରତିଦିନ ସେମାନେ ନର୍ସିଂ ଅଧିକାରୀଙ୍କ ନିକଟରେ ହାଜର ହୋଇ ଦସ୍ତଖତ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଲାଞ୍ଚ ନେବା ଘଟଣାର ତଦନ୍ତ ସରିବା ଯାଏ ଏହି ନିଲମ୍ବନ ଆଦେଶ କାଏମ ରହିବ। ଅନ୍ୟପଟେ ଉକ୍ତ ବିଭାଗରେ ଅନ୍ୟ ଦୁଇଜଣ ନର୍ସିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଏମ୍‌କେସିଜି ଗାଇନିକ୍ ବିଭାଗରେ ବିନା ଲାଞ୍ଚରେ କୌଣସି କାମ ହେଉ ନ ଥିବା ଅଭିଯୋଗ ହୋଇଆସୁଥିଲା। ଏଣୁ ଉକ୍ତ ବିଭାଗରେ ଲାଞ୍ଚ କାରବାର ରୋକିବା ପାଇଁ ଏବେ ମେଡିକାଲ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ରଖିଛନ୍ତି। ପ୍ରକାଶ ଯେ, ଗତ ୨୨ ତାରିଖରେ ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ଗର୍ଭବତୀଙ୍କୁ ପ୍ରସବ ଲାଗି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅସ୍ତ୍ରୋପଚାର ପରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ସେହି ସମୟରେ ସେଠାରେ କାର୍ଯ୍ୟରତ କେତେକ ନର୍ସ ଉକ୍ତ ମହିଳାଙ୍କ ଭାଇଙ୍କଠାରୁ ଜବରଦସ୍ତ ୫ଶହ ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଏନେଇ ରୋଗୀ ସମ୍ପର୍କୀୟ ଜଣଙ୍କ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଆଧାରରେ ଗତ ଶୁକ୍ରବାର ଉକ୍ତ ଲାଞ୍ଚୁଆ ନର୍ସିଂ ଅଫିସରଙ୍କ ବିରୋଧରେ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଥିଲା।

## ଚଳନ୍ତା ଅଟୋରୁ ଖସି ଛାତ୍ରଙ୍କ ମୃତ୍ୟୁ

ଆସିକା, ୨୯।୮ (ଡି.ଏନ.ଏ): ଗାଙ୍ଗପୁର ଥାନା ଅନ୍ତର୍ଗତ ଦହିମୁଣ୍ଡୁଳି ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଚଳନ୍ତା ଅଟୋରୁ ଖସିପଡ଼ି ଜଣେ ଶିଶୁ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଏହି ଥାନା ଅନ୍ତର୍ଗତ ବାଙ୍ଗରଡ଼ା ଗ୍ରାମର ସନ୍ତୋଷ ବିଶ୍ୱାଳଙ୍କ ପୁଅ ସାଇବିଶ୍ୱାଳ (୭)। ସାଇ ପାଇଲପଡ଼ାଠାରେ ଥିବା ଏକ ଇଂଲିଶ ମିଡିୟମ ସ୍କୁଲରେ ପାଠ ପଢୁଥିଲେ। ସ୍କୁଲ ଛୁଟି ହେବା ପରେ ଅନ୍ୟ ସହପାଠୀଙ୍କ ସହ ଅଟୋରେ ଘରକୁ ଫେରୁଥିବା ବେଳେ ଦହିମୁଣ୍ଡୁଳି ଛକ ନିକଟରେ ଚଳନ୍ତା ଅଟୋରୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ସାଇଙ୍କୁ ନିକଟସ୍ଥ ଗୋବରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା। ତେବେ ସେଠାରେ ପହଞ୍ଚିଲା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେଉଁ ପରିସ୍ଥିତିରେ ସେ ଅଟୋରୁ ଖସିପଡ଼ିଲେ ତାହା ସ୍ପଷ୍ଟ ହୋଇନାହିଁ। ଘଟଣା ସଂପର୍କରେ ଗାଙ୍ଗପୁର ପୋଲିସକୁ ପଚାରିବାରୁ, ଥାନାରେ କୌଣସି ଅଭିଯୋଗ ହୋଇନଥିଲେ ମଧ ପୋଲିସ ଖବରପାଇ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

# ଟାଟା ପାୱାର ଅଫିସ ମୁଖ୍ୟ ଫାଟକ ଭଙ୍ଗାରୁଜା



ଟାଟା ପାୱାର କର୍ପୋରେଟ ଅଫିସ ଆଗରେ ଭାଜପାର ବିକ୍ଷୋଭ ।

**ବ୍ରହ୍ମପୁର ଅଫିସ,୨୯।୮**

ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ପରିବଣ୍ଟନ ସଂସ୍ଥା ଟାଟା ପାୱାର (ଟିପିଏସ୍‌ଓଡିଏଲ) ବ୍ରହ୍ମପୁରରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଚଳନ୍ତି ମିଟର ବଦଳାଇ ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଯାଉଥିବା ପ୍ରତିବାଦ ଓ ୩ ଦଫା ଦାବି ନେଇ ସୋମବାର ଭାଜପା ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ସହ ଗଣଧାରଣା ଦିଆଯାଇଥିଲା। ପୂର୍ବତନ ଭାଜପା ଜିଲା ସଭାପତି କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ କମାପଲ୍ଲୀ ଓଭରବ୍ରିଜ ପାଖରୁ ଶୋଭାଯାତ୍ରାରେ ବାହାରି ରାସ୍ତା ପରିକ୍ରମା ବେଳେ ଟାଟା ପାୱାର ବିରୋଧରେ ନାରାବାଜି ଦେଇଥିଲେ। କର୍ପୋରେଟ ଦପ୍ତର ନିକଟରେ ପହଞ୍ଚିବା ପରେ କମ୍ପାଉଣ୍ଡ ଭିତରକୁ ଯିବାକୁ ଜିଦ୍ ଧରିଥିଲେ। ସୁରକ୍ଷା କର୍ମୀ ନ ଛାଡ଼ିବାରୁ ମୁଖ୍ୟ ଫାଟକକୁ ଭଙ୍ଗାରୁଜା କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ପହଞ୍ଚି ନିୟନ୍ତ୍ରଣ କରିଥିଲା।

ଟାଟା ପାୱାର ମନମୁଖୀ କାର୍ଯ୍ୟକୁ ବିଭିନ୍ନ ମହଲରୁ ବିରୋଧ ହେଉଥିବାରୁ ଆନ୍ଦୋଳନ ସ୍ଥଳରେ ଜନ ସମର୍ଥନ ବଢ଼ିଥିଲା। ସ୍ମାର୍ଟ ମିଟରକୁ ବନ୍ଦ କରିବା ପାଇଁ ସ୍ୱର ଉଠିଥିଲା। ଭାଜପାର ଅନ୍ୟ ଦୁଇ ଦାବି ମଧ୍ୟରେ ଦୀର୍ଘଦିନରୁ ଚାଲିଥିବା ଅଘୋଷିତ ବିଦ୍ୟୁତ୍ କାଟ ଏବଂ ଗରିବ ଉପଭୋକ୍ତାଙ୍କୁ ବିଲ ଆଦାୟ ଲାଗି କରାଯାଉଥିବା ହନ୍ତସନ୍ତରୁ ନିବୃତ୍ତ ହେବାକୁ ଚେତାବନୀ ଦିଆଯାଇଛି। ଉପରୋକ୍ତ ଦାବି ପୂରଣ କରାନଗଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନକୁ ଜୋରଦାର ସହ କର୍ପୋରେଟ ଅଫିସକୁ ଅଚଳ କରିଦେବାକୁ ସତର୍କ କରି ଦିଆଯାଇଛି। ଆନ୍ଦୋଳନରେ ଭାଜପା ଜିଲା ସଂଗଠନର ଉପସଭାପତି ରାମ କୁମାର ପାତ୍ର, ପ୍ରଭାତ ଷଡ଼ଙ୍ଗୀ, ସୁନୀଲ କୁମାର ସାହୁ, କର୍ପୋରେଟର ପ୍ରଦୀପ ଶତପଥୀ, କରୁଣାକର, ଓବିସି ସେଲର ମଦନ ମୋହନ ପାତ୍ର, ରଂଜିତା ବେହେରାଙ୍କ ସମେତ ମହିଳା ସଂଗଠନ ନେତ୍ରୀ ଓ କର୍ମୀ ଉପସ୍ଥିତ ଥିଲେ। ସିଇଓଙ୍କ ଅନୁପସ୍ଥିତିରେ ଟାଟା ପାୱାର ଅନ୍ୟ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା।

## ସ୍ମାର୍ଟ ମିଟରକୁ ବିରୋଧ ସହ ଭାଜପା କର୍ମୀଙ୍କ ଆନ୍ଦୋଳନ

# ୧୦୨ ୟୁନିଟ ରକ୍ତ ସଂଗ୍ରହ


ଶିବିରରେ ଉପସ୍ଥିତ ଅତିଥି।

**ଖଲ୍ଲିକୋଟ,୨୯।୮(ଡି.ଏନ.ଏ.)**

ଖଲ୍ଲିକୋଟ ସହର ନିକଟ ମର୍ଦ୍ଦରାଜ ଶିକ୍ଷକ ଭବନଠାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ନିରଞ୍ଜନ ବେହେରା, ବ୍ଲକ ଅଧ୍ୟକ୍ଷ ଦଇତାରୀ ବେହେରା, ଖଲ୍ଲିକୋଟ ବ୍ଲକ ଶିକ୍ଷକ ସଂଘ ସଭାପତି ନାଗେଶ୍ୱର ବାରିକ, ବ୍ଲକ ଉପାଧ୍ୟକ୍ଷ ଭାରତୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ବହୁ ଶିକ୍ଷୟିତ୍ରୀ ଶିକ୍ଷକ ରକ୍ତଦାନ କରିଥିଲେ। ସେହିପରି ବିଭିନ୍ନ ଅଞ୍ଚଳରୁ ଆସିଥିବା ବହୁ ଯୁବକ ମଧ୍ୟ ରକ୍ତଦାନ କରିଥିଲେ। ଶିବିରରେ ୧୦୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବ୍ରହ୍ମପୁର ରେଡକ୍ରସରୁ ଆସିଥିବା କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସଂଘର ସଭାପତି ବାରିକଙ୍କ ସମେତ ସାଧାରଣ ସମ୍ପାଦକ ସୁରେନ୍ଦ୍ର ବେହେରା, ଉପସଭାପତି ପ୍ରଫୁଲ୍ଲ ଦାସ, ହୀନ ନାହାକ, ବାବୁଲା ଦାସ, ରବି ନାରାୟଣ ମୁଦୁଲି, ସଚିକାନ୍ତ ପାଢ଼ୀ, ଅଜୟ ପାଣିଗ୍ରାହୀ, ତ୍ରିନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଗାଁ ସାଥୀଙ୍କୁ ପରିଚୟପତ୍ର ପ୍ରଦାନ

**ବାଲିଗୁଡ଼ା,୨୯।୮(ଡି.ଏନ୍.ଏ.)**

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ବ୍ଲକସ୍ଥିତ ଆରାବାକା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହଠାରେ ଗାଁ ସାଥୀମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚକାପାଦ ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର, ଉପାଧ୍ୟକ୍ଷ ସୋମନାଥ ବେହେରା ପ୍ରମୁଖ ଉପସ୍ଥିତ ଥିବା ବେଳେ ଚକାପାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏପିଓ ନବନିତା ପ୍ରିୟଦର୍ଶନୀ ତ୍ରିପାଠୀ, ଚକାପାଦ ବ୍ଲକ ଗାଁ ସାଥୀ ସଂଘ ସଭାପତି ମନୋଜ ଦିଗାଲ, କନ୍ଧମାଳ ଜିଲା ଗାଁ ସାଥୀ ସଂଘ ସମ୍ପାଦକ ବିପିନ କୁମାର ଦିଗାଲ ପ୍ରମୁଖ ଉପସ୍ଥିତ ଥିବାବେଳେ ଚକାପାଦ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ଗାଁ ସାଥୀମାନେ ଉପସ୍ଥିତ ରହି ପରିଚୟ ପତ୍ର ପ୍ରଦାନ କରାଯାଇଛି ।

## ମାଉଜର ଦେଖାଇ ବଟି ଆଦାୟ

**ଆସିକା, ୨୯।୮ (ଡି.ଏନ.ଏ)**

ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ଗାଙ୍ଗପୁର ଥାନା ଅନ୍ତର୍ଗତ କଣ୍ଟେଇପଲି ଛକ ନିକଟରେ ଥିବା ଏକ ଠିକାଦାର କ୍ୟାମ୍ପରେ କାର୍ଯ୍ୟ କରୁଥିବା ୱାଚମ୍ୟାନ୍‌ଙ୍କ ଠାରୁ ୩ଜଣ ଯୁବକ ବଟି ମାଗି ୧୨ ହଜାର ୬୦୦ ଟଙ୍କା ଜୋରଜବରଦସ୍ତ ନେଇଯାଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଶନିବାର ଅପରାହ୍ନ ପ୍ରାୟ ୩ଟା ବେଳେ ମାଉଜର ଧରି ୩ ଜଣ ଯୁବକ ଠିକାଦାର କ୍ୟାମ୍ପରେ ପହଁଚି ଧମକ ଦେଇ ୱାଚମ୍ୟାନ ଟୁନା ନାୟକଙ୍କୁ ୨୦ ହଜାର ଟଙ୍କା ମାଗିଥିଲେ। ସେ ମନା କରିବାରୁ ତାଙ୍କୁ ବିଭିନ୍ନ ଧମକ ଚମକ ଦେଇ ଠିକାଦାରୀ କ୍ୟାମ୍ପକୁ ବନ୍ଦ କରିଦେବାକୁ କହି ସେଠାରୁ ପଳାଇଯାଇଥିଲେ। ପୁଣି କିଛି ସମୟ ପରେ ନିଶାସକ୍ତ ହୋଇ ଆସି ୱାଚମ୍ୟାନଙ୍କ ଠାରୁ ଜୋରଜବରଦସ୍ତ ୧୨ ହଜାର ୬୦୦ ଟଙ୍କା ଛଡ଼ାଇ ନେଇଥିଲେ। ୱାଚମ୍ୟାନ ଟୁନା ସୋମବାର ଗାଙ୍ଗପୁର ପୋଲିସରେ ଅଭିଯୋଗ କରିବା ପରେ ଥାନାରେ ୩୭୦/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

# ସ୍ୱାୟତ୍ତ ଶାସନ ଦିବସ ପାଳନ ପ୍ରସ୍ତୁତି


ତ୍ରିରଙ୍ଗା କଲର ଦେଇ ରଙ୍ଗିନ କରୁଛନ୍ତି ତହସିଲଦାର।

**ଗଞ୍ଜାମ,୨୯।୮(ଡି.ଏନ.ଏ.)**

ଗଞ୍ଜାମ ଏନଏସି ପ୍ରଶାସନ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ଜୋରଦାର କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ଅରୁଣ କୁମାର ନାୟକ ନିଜେ ସହର ସ୍ଥିତ ଦାମୋଦରପୁର ଗ୍ରାମ ଯାତ୍ରୀ ବିଶ୍ରାମଗାର ନିକଟରେ ଥିବା ସେଲ୍ଫି ପଏଣ୍ଟରେ ତ୍ରିରଙ୍ଗା କଲର ଦେଇ ରଙ୍ଗୀନ କରୁଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ୧୨ ନମ୍ବର ୱାର୍ଡ଼ କାଉନସିଲର ପି ଚନ୍ଦ୍ରଶେଖର, ଦୀପ୍ତିରଞ୍ଜନ ପୃଷ୍ଟି, ସୁମିତ କୁମାର ବେହେରା, ଉତ୍ତମ ବେହେରା, କମଳାକାନ୍ତ ଦାଶ ପ୍ରମୁଖ ଏନଏସି କର୍ମଚାରୀ ସହଯୋଗ କରିଥିଲେ।

# ଡାକରଡ଼ା ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ନିର୍ବାଚନ


ଉପସ୍ଥିତ କମିଟି ସଭ୍ୟାସଭ୍ୟ।

**ବୁଗୁଡ଼ା,୨୯।୮(ଡି.ଏନ୍.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଡାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ସହ ଏହାର ସଭାପତି ଓ ଉପସଭାପତି ନିର୍ବାଚନ ହୋଇଯାଇଛି। ପୂର୍ବରୁ ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ପରିଚାଳନା କମିଟି ଗଠିତ ହୋଇଥିଲା। ଉକ୍ତ ବୈଠକରେ ସରପଞ୍ଚ ଦିଲୀପ କୁମାର ପ୍ରଧାନ, ସିଆର୍‌ସିସି ଆଶୁତୋଷ ମିଶ୍ର, ପୂର୍ବତନ ସଭାପତି ନାରାୟଣ ପ୍ରଧାନ, ଷ୍ଟାଣ୍ଡିଂ କମିଟି ସଭ୍ୟ ରାଜେନ୍ଦ୍ର କୁମାର ଜେନା ଏବଂ ଅଭିଭାବକମାନେ ଏଥିରେ ଭାଗ ନେଇଥିଲେ। ବୈଠକରେ ବିଧିବଦ୍ଧ ଭାବେ ସ୍କୁଲ ପରିଚାଳନା ପାଇଁ ଏକ ବାରଜଣିଆ କମିଟି ଗଠନ ହୋଇଥିଲା। ତେବେ ଏହି କମିଟି ମଧ୍ୟରୁ ସୋମବାର ଅନୁଷ୍ଠିତ ବୈଠକରେ ବିଧିବଦ୍ଧ ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ଭାବେ ଜିତାଶ୍ରୀ ନାୟକ ଓ ଉପସଭାପତି ଭାବେ ପଦ୍ମନାଭ ନାୟକ ନିର୍ବାଚିତ ହୋଇଛନ୍ତି।

# ପାରଳାଖେମୁଣ୍ଡିରେ ଝୋଟି ପ୍ରତିଯୋଗିତା

**ପାରଳାଖେମୁଣ୍ଡି,୨୯।୮(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସୋମବାର ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହରର ମୋଟ୍ ୧୬ ୱାର୍ଡର ୪୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ ଏସ୍‌ଏଚ୍‌ଜିର ମହିଳାମାନେ ଭାଗ ନେଇଥିଲେ। ସେମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରି ଆକର୍ଷଣୀୟ ଝୋଟି ଆଙ୍କିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ନକୁଳ ବିଶୋୟୀ, ଇନ୍ଦିରା ଗୌଡ଼, ରଶ୍ମିତା ନାୟକ, ଶାନ୍ତିଲତା ପଲେଇ ପ୍ରମୁଖ ଉପସ୍ଥିତ ରହି ନିରୀକ୍ଷଣ କରିଥିଲେ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସ୍ୱାୟତ୍ତ ଶାସନ ଦିବସରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।


ଝୋଟି କରାଯାଉଛି।

# ଦୁର୍ନୀତି ପ୍ରତିବାଦରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ



କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**କୋଟଗଡ଼,୨୯।୮(ଡି.ଏନ.ଏ.)**

କନ୍ଧମାଳ ଜିଲା ବାଲିଗୁଡା ଏନ୍‌ଏସିରେ ଦୁର୍ନୀତି ପ୍ରତିବାଦରେ ବାଲିଗୁଡା କଂଗ୍ରେସ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ ସହ ଏନ୍‌ଏସି ଆଗରେ ଧାରଣା ଦିଆଯାଇଥିଲା। ପ୍ରତିବାଦ ସମୟରେ ଏନ୍‌ଏସି କାର୍ଯ୍ୟାଳୟକୁ ଉତ୍ତ୍ୟକ୍ତ କଂଗ୍ରେସ କର୍ମୀ ଧସେଇ ପଶି ହୋହଲ୍ଲା କରିଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ପଶି ଫାଇଲ ଫିଙ୍ଗା ଫୋପଡା କରିଥିଲେ । ଏନ୍‌ଏସିରେ ଯଦି ଦୁର୍ନୀତି ବନ୍ଦ ଲାଗି ପଦକ୍ଷେପ ନିଆ ନ ଯାଏ ତେବେ ବାଲିଗୁଡା ବନ୍ଦ ଡାକରା ଦେବା ସହ କଂଗ୍ରେସ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବାଲିଗୁଡା ଥାନା ଅଧିକାରୀ ବାବା ଶଙ୍କର ସରାଫ ଓ ଅନ୍ୟ ପୋଲିସ ଉତ୍ତ୍ୟକ୍ତ କଂଗ୍ରେସ କର୍ମୀଙ୍କୁ ବୁଝାଶୁଝା କରିଥିଲେ। ଏହି ପ୍ରତିବାଦ ସମୟରେ କଂଗ୍ରେସ ନେତା ମନୋଜ ଆଚାର୍ଯ୍ୟ, ବ୍ଲକ ସଭାପତି ଆଇବର ନାୟକ ଓ ନଗର ସଭାପତି ସତ୍ୟେଶର ସାହୁଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ବାଲିଗୁଡ଼ା ଏନ୍‌ଏସି

## ସମ୍ଭାଗସ୍ତରୀୟ ଶିଶୁବାଟିକା ପ୍ରମୁଖଙ୍କ କର୍ମଶାଳା

**କବିସୂର୍ଯ୍ୟନଗର,୨୯।୮(ଡି.ଏନ.ଏ.)**

କବିସୂର୍ଯ୍ୟନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାର୍ଥନା କକ୍ଷରେ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ସମ୍ଭାଗସ୍ତରୀୟ ଶିଶୁବାଟିକା ପ୍ରମୁଖଙ୍କ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ-ପୂର୍ବ ସମ୍ଭାଗ ସମ୍ପାଦକ କିରଣ କୁମର ପାଢ଼ୀ, ଶୈକ୍ଷିକ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଶିଶୁବାଟିକା ଶୈକ୍ଷିକ ସଂଯୋଜକ ଅରୁଣ କୁମାର ଦାସ, ବିଦ୍ୟାଳୟ ସମ୍ପାଦକ ମିହିର କୁମାର ଶତପଥୀ ଓ କବିସୂର୍ଯ୍ୟନଗର ପୌରପାଳିକା ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠୀ ଯୋଗ ଦେଇ ଶିଶୁଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ଜ୍ଞାନର ବିକାଶ କିପରି ହୋଇପାରିବ ସେ ନେଇ ସୂଚନା ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଦୁଇ ଦିନିଆ କର୍ମଶାଳାରେ ଗଞ୍ଜାମ, ଗଜପତି ଓ କନ୍ଧମାଳର ୭୦ଜଣ ଶିଶୁମନ୍ଦିର ପ୍ରମୁଖ ଯୋଗ ଦେଇଛନ୍ତି। ବିଦ୍ୟାଳୟ ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ଉପସଭାପତି ବଂଶୀଧର ପ୍ରଧାନ ଅତିଥି ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଢ଼ାହେବ ୩ ୟୁନିଟ୍ ଷ୍ଟ୍ରାଇକିଂ ଫାୟାର ଫୋର୍ସ

**ଭୁବନେଶ୍ୱର,୨୯।୮(ବ୍ୟୁରୋ)**

- ବିପର୍ଯ୍ୟୟ ବେଳେ ତ୍ୱରିତ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ
- ୧୪୪ ପଦବୀ ସୃଷ୍ଟି ହେବ

ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। ବିଭିନ୍ନ ବିପର୍ଯ୍ୟୟ ବିଶେଷକରି ଅଗ୍ନି ଦୁର୍ଘଟଣା ସମୟରେ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଯେପରି ତ୍ୱରାନ୍ୱିତ କରାଯାଇପାରିବ,ତାହାକୁ ଦୃଷ୍ଟିରେ ରଖି ୧୪୪ ସଦସ୍ୟବିଶିଷ୍ଟ ଏକ ଷ୍ଟ୍ରାଇକିଂ ଫାୟାର ଫୋର୍ସ ଗଠନ କରାଯିବ। ଏ ସମ୍ପର୍କରେ ଆଗତ ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ମିଳିଛି।

ନିଷ୍ପତ୍ତି ଅନୁଯାୟୀ ରାଜ୍ୟର କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଥିବା ୩ଟି ଜୋନ୍‌ରେ ଏହି ଷ୍ଟ୍ରାଇକିଂ ଫାୟାର ଫୋର୍ସର ୩ଟି ରେଞ୍ଜ୍ ହେଡ୍‌କ୍ୱାର୍ଟର୍ସ ରହିବ। ପ୍ରତ୍ୟେକ ରେଞ୍ଜ ହେଡ୍‌କ୍ୱାର୍ଟର୍ସ ପାଇଁ ୪୮ଟି ପଦବୀ ସୃଷ୍ଟି କରାଯିବ। ଏହିପରି ମୋଟ ୧୪୪ ପଦବୀ ସୃଷ୍ଟି ହେବ। ଏଥିରେ ଆସିଷ୍ଟାଣ୍ଟ ଫାୟାର ଅଫିସର, ଷ୍ଟେଶନ ଅଫିସର, ଆସିଷ୍ଟାଣ୍ଟ ଷ୍ଟେଶନ ଅଫିସର, ହାବିଲଦାର ମେଜର, ଡ୍ରାଇଭର ହାବିଲଦାର, ହାବିଲଦାର ମେକାନିକ୍, ଲିଡିଂ ଫାୟାରମ୍ୟାନ, ଫାୟାରମ୍ୟାନ ଡ୍ରାଇଭର ଓ ଫାୟାରମ୍ୟାନ ଆଦି ପଦବୀ ରହିବ। ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ବା ଦୁର୍ଘଟଣା ସମୟରେ ଓଡ଼ିଶା ଅଗ୍ନିଶମ ସେବା ଫାଷ୍ଟ ରେସ୍‌ପଣ୍ଡର ଭାବେ କାର୍ଯ୍ୟକରି ଜନସାଧାରଣଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେଉଛି। ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ମଧ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରି କି ରାଜ୍ୟ ବାହାରେ ମଧ ବିଭିନ୍ନ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ବାହିନୀ ପକ୍ଷରୁ ଉଲ୍ଲେଖନୀୟ ସେବା ଯୋଗାଇ ଦିଆଯାଉଛି। ଏହାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀକୁ ତୁରନ୍ତ କୌଣସି ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଆବଶ୍ୟକ ଆଧୁନିକ ଦକ୍ଷତା ଥିବା ଏକ ସ୍ୱତନ୍ତ୍ର ଫୋର୍ସର ଆବଶ୍ୟକତା ରହିଛି ବୋଲି ଉପସ୍ଥାପନାରେ କୁହାଯାଇଥିଲା। ଏହି ବାହିନୀକୁ ସମସ୍ତ ପ୍ରକାର ଆଧୁନିକ ଯନ୍ତ୍ର ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇ ଏକ ଦକ୍ଷ କୌଶଳସମ୍ପନ୍ନ ଷ୍ଟ୍ରାଇକିଂ ଫାୟାର ଫୋର୍ସ ଭାବେ ବିକଶିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି ) ଭି.କେ. ପାଣ୍ଡିଆନ ସଞ୍ଚାଳନ କରିଥିଲେ। ଅଗ୍ନିଶମ ବିଭାଗ ଡିଜି ସନ୍ତୋଷ ଉପାଧ୍ୟାୟ ପ୍ରସ୍ତାବ ଉପସ୍ଥାପନା କରିଥିଲେ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ଓ ଅତିରିକ୍ତ ଡିଜି ସୌମ୍ୟା ମିଶ୍ର ପ୍ରମୁଖ ଭାଗ ନେଇଥିଲେ।

